## କାଜୁବଗିଚାରେ କରାଯାଉଥିବା ଲାଭଜନକ ଅନ୍ତଃଫସଲ:

ଡାଲିଜାତୀୟ: ଝୁଡ଼ଙ୍ଗ, ମୁଗ, ବିରି, କୋଳଥ

କନ୍ଦଜାତୀୟ: ସାରୁ, ଓଲୁଅ, ଗୟାଆଳୁ, କନ୍ଦମୂଳ, ଖମ୍ବଆଳୁ

ରୂପାନ୍ତରିତ କାଣ୍ଡଜାତୀୟ: ଅଦା, ହଳଦୀ

ତୈଳବୀଜଜାତୀୟ: ଚିନାବାଦାମ, ରାଶି

ପନିପରିବା: ଭେଣ୍ଡି, ବାଇଗଣ, ଲଙ୍କା, କଲରା, କାକୁଡ଼ି, କଖାରୁ, ଲାଉ, ଜହ୍ନି

ଫଳଜାତୀୟ: ସପୁରୀ

ଫୁଲଜାତୀୟ: ଗେଣ୍ଡୁ, ରଜନୀଗନ୍ଧା

ଔଷଧୀୟ ଫସଲ: ସର୍ପଗନ୍ଧା, ପିପ୍ପଳୀ, ତୁଳସୀ, ଭୁଇଁନିମ୍ବ, ବ୍ରାହ୍ମୀ, ପୋଦିନା

କାଜୁ ବଗିଚାରେ ପ୍ରଥମ ପାଞ୍ଚବର୍ଷ ଅନ୍ତଃଫସଲ ପାଇଁ ଅଧିକ ଉପଯୁକ୍ତ । ଯେକୌଣସି ଫସଲକୁ କାଜୁ ବଗିଚାରେ ଅନ୍ତଃଫସଲରୂପେ ସହଜରେ ଚାଷ କରାଯାଇ ପାରେ । ଏହି ସମୟ ମଧ୍ୟରେ ସାଧାରଣତଃ ଏକ ବାର୍ଷିକ ବା ଦ୍ୱିବର୍ଷିଆ ଫସଲ ଚାଷ କରାଯାଇଥାଏ । କାଜୁ ବଗିଚାରେ ଅନ୍ତଃଫସଲ ହିସାବରେ ସାଧାରଣତଃ କନ୍ଦ ଫସଲ, ଡାଲିଜାତୀୟ ଫସଲ, ରୂପାନ୍ତରିତ କାଣ୍ଡଜାତୀୟ ଫସଲ, ତୈଳବୀଜଜାତୀୟ ଫସଲ, ବିଭିନ୍ନ ପ୍ରକାର ପନିପରିବାଆଦି ଚାଷ କରାଯାଇ ପାରେ ଓ ଗଛର ଛାଇରେ ସପୁରୀ ଲାଭଜନକଭାବେ ଚାଷ କରାଯାଇ ପାରିବ ।

ଆନ୍ଧ୍ର ପ୍ରଦେଶରେ ଡାଲିଜାତୀୟ ଫସଲ ମଧ୍ୟରେ କୋଳଥ, ଝୁଡ଼ଙ୍ଗ, ତୈଳବୀଜ ଫସଲ ମଧ୍ୟରେ ଚିନାବାଦାମ ଇତ୍ୟାଦି ଅନ୍ତଃଫସଲ ହିସାବରେ ଚାଷ କରାଯାଏ । ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶରେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଝାଉଁଗଛ କାଜୁବାଦାମ ବଗିଚା ମଧ୍ୟରେ ୧.୫ ମି. x ୧.୫ ମି. ଦୂରତାରେ ଲଗାଯାଏ । କେରଳ ଓ ଉପକୂଳବର୍ତ୍ତୀ କର୍ଣ୍ଣାଟକରେ କାଜୁବାଦାମ ଗଛ ଲଗାଇବାର ୪ରୁ ୫ ବର୍ଷ ପର୍ଯ୍ୟନ୍ତ ଅନ୍ତଃଫସଲ ଭାବରେ ସପୁରୀ ଚାଷ କରାଯାଏ । ସପୁରୀ ଫସଲରୁ ଅନ୍ୟ ଫସଲ ଅପେକ୍ଷା ଅଧିକ ଲାଭ ମିଳିଥାଏ । ଢାଲୁ ମଧ୍ୟବର୍ତ୍ତୀ ସ୍ଥାନମାନଙ୍କର ୬୦ ସେ.ମି. x ୩୦ ସେ.ମି. ଆୟତନର ଖାଇ ପ୍ରସ୍ତୁତ କରାଯାଇ ଦୁଇଧାଡ଼ି ସପୁରୀ ଚାରା ଲଗାଇଲେ ହେକ୍ଟର ପିଛା ୧୫ରୁ ୨୦ଟନ୍ ସପୁରୀ ମିଳିଥାଏ । ଖାଇ ପ୍ରସ୍ତୁତ କରି ସପୁରୀ ଚାରା ଲଗାଇବା ଦ୍ୱାରା ମୃତ୍ତିକା ସଂରକ୍ଷଣ ହେବା ସଂଗେସଂଗେ ବର୍ଷା ପାଣି ଦ୍ୱାରା ଧୋଇ ହୋଇ ମାଟିରୁ ନଷ୍ଟ ହେଉଥିବା ପୋଷକ ପଦାର୍ଥ ସଂରକ୍ଷିତ ରହେ । ଅପର ପକ୍ଷରେ ଜମିର ଖାଦ୍ୟପଦାର୍ଥ ବା ପୋଷକ ପଦାର୍ଥ କାଜୁବାଦାମ ଗଛକୁ ମିଳିଥାଏ । କାଜୁବାଦାମ ଗଛକୁ ୮ମି. x ୮ମି. ଦୂରତାରେ ଲଗାଇ ଏହାର ମଧ୍ୟବର୍ତ୍ତୀ ଜାଗାମାନଙ୍କରେ ୧ ମି. x ୧ ମି. ଦୂରତ୍ୱରେ ଅନ୍ୟାନ୍ୟ ଗଛ ଲଗାଯାଇ ଥାଏ । ଅନ୍ତଃଫସଲଗୁଡ଼ିକ କାଜୁବାଦାମ ଗଛକୁ ଛାଡ଼ି ୩.୫ ମି. ଦୂରତ୍ୱରେ ଲଗାଯାଏ । ଦୁଇ ଧାଡ଼ି କାଜୁବାଦାମ ଗଛ ମଝିରେ ତିନିଧାଡ଼ି ଅନ୍ତଃଫସଲ ଲଗାଯାଇ ପାରିବ ।

## କାଜୁବଗିଚାରେ କରାଯାଉଥିବା କେତେକ ଅନ୍ତଃଫସଲର ଚାଷ ସମ୍ବନ୍ଧୀୟ ଉପାଦେୟ ସୂଚନା

| ଫସଲର ନାମ | କିସମ | ଲଗାଇବା ସମୟ | ହେକ୍ଟର ପିଛା ବିହନ ପରିମାଣ (କି.ଗ୍ରା.) | ଲଗାଇବା ଦୂରତା (ସେ.ମି.) | ଫସଲ ଅବଧି (ଦିନ) | ଅମଳ ପରିମାଣ (ଟନ/ହେକ୍ଟର) |
|---|---|---|---|---|---|---|
| ହଳଦୀ | ରୋମା, ସୁରମା | ମଇ-ଜୁନ୍ | ୨୦୦୦-୨୫୦୦ | ୩୦ X ୨୫ | ୨୫୦-୨୬୦ | ୧୮-୨୦ |
| ଅଦା | ସୁରଭି, ସୁପ୍ରଭା | ମଇ-ଜୁନ୍ | ୧୫୦୦-୨୦୦୦ | ୨୦ X୧୫ | ୨୪୦ | ୧୦-୧୨ |
| ସପୁରୀ | କୁଇନ, କ୍ୟୁ | ଜୁନ୍-ଜୁଲାଇ | ୫୩୨୫୦ କନ୍ଦାପୁଆ | ୯୦X୬୦X୨୫ | ୪୫୫-୫୪୫ | ୫୦-୬୦ |
| ସାରୁ | ମୁକ୍ତା କେଶୀ | ଜୁନ୍-ଜୁଲାଇ | ୧୮୦୦ | ୬୦ X୪୫ | ୧୬୫-୧୮୦ | ୧୫-୨୩ |
| କନ୍ଦମୂଳ | ପୁଷା ସଫେଦ ଓ ରେଡ୍ | ଜୁନ୍ | ୭୦୦୦୦ ଖଣ୍ଡ ଉଙ୍କ | ୬୦ X୨୫ | ୧୧୦-୧୨୦ | ୨୦-୨୩ |
| ଓଲୁଅ | ଗଜେନ୍ଦ୍ର, ଶ୍ରୀପଦ୍ମ | ଜୁନ୍ | ୬୦୦୦-୭୫୦୦ | ୫୦ X୫୦ | ୧୮୦-୨୪୦ | ୩୦-୫୦ |
| ଭେଣ୍ଡି | ଅର୍କ ଅନାମିକା<br>ଉତ୍କଳ ଗୌରବ | ଡିସେମ୍ବର-ଜାନୁଆରୀ<br>ବ୍ୟତୀତ ବର୍ଷସାରା | ୮-୧୦(ବର୍ଷା ଦିନ)<br>୧୨-୧୮(ଖରା ଦିନ) | ୬୦ X୪୫<br>୬୦ X୩୦ | ୫୦ | ୧୦ |
| ଝୁଡ଼ଙ୍ଗ | ପୁଷା ରୁତୁରାଜ<br>ଉତ୍କଳ ମାଣିକ | ଜୁନ୍-ଜୁଲାଇ<br>ଫେବୃଆରୀ-ମାର୍ଚ୍ଚ | ୧୨.୫ | ୩୦ X୧୦ | ୭୫ | ୪ |
| ଚିନାବାଦାମ | ସ୍ମୃତି, ଜେ.ଏଲ୍-୨୪ | ଜୁନ୍, ଅକ୍ଟୋବର<br>ଜାନୁୟାରୀ | ୧୨୫ | ୨୫ X୧୦ | ୯୫-୧୧୦ | ୨୦-୨୨ |
| ବିରି | ଉଜ୍ଜ୍ୱଳା, ପ୍ରସାଦ | ଜୁନ୍, ଅକ୍ଟୋବର | ୨୫ | ୩୦ X ୧୦ | ୬୫ | ୧୦ |

**Contact:**
All India Co-ordinated Research Project on Cashew
Odisha University of Agriculture and Technology,
Bhubaneswar-751 003, Odisha

# ଅଧିକ ଲାଭପାଇଁ
# କାଜୁବଗିଚାରେ ଅନ୍ତଃଫସଲ



ଡଃ. ପ୍ରମୋଦ କୁମାର ପଣ୍ଡା
ଡଃ. କବିତା ସେଠୀ

ସର୍ବଭାରତୀୟ ସଂଯୋଜିତ
କାଜୁ ଗବେଷଣା ପ୍ରକଳ୍ପ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଅଧିକ ଲାଭ ପାଇଁ କାଜୁ ବଗିଚାରେ ଅନ୍ତଃଫସଲ

କାଜୁବାଦାମ ଏକ ଲାଭଜନକ ଫସଲ । ଷୋଡ଼ଶ ଶତାବ୍ଦୀରେ ପର୍ତ୍ତୁଗୀଜମାନଙ୍କ ଦ୍ୱାରା ଏହା ଆମ ଦେଶକୁ ଆସିଥିଲା ଏବଂ ପ୍ରଥମେ ଗୋଆରେ ଚାଷ କରାଯାଇଥିଲା । କାଳକ୍ରମେ ଏହା ବିସ୍ତାର ଲାଭକରି ଓଡ଼ିଶା ସମେତ କେତେକ ନିର୍ଦ୍ଦିଷ୍ଟ ରାଜ୍ୟରେ ସଫଳ ଭାବରେ ଚାଷ କରାଯାଇ ପାରୁଛି । ବିଦେଶରୁ ଆସିଥିବାରୁ ଆମ ରାଜ୍ୟର ଲୋକେ ଏହାକୁ ଲଙ୍କା ଆମ୍ବ ବୋଲି କହିଥାନ୍ତି । ଆମ ଜଳବାୟୁରେ ସ୍ୱଳ୍ପ ପରିଶ୍ରମରେ, ଅଳ୍ପ ଖର୍ଚ୍ଚରେ ଓ ବିଭିନ୍ନ କିସମର ଉର୍ବର ତଥା ଅନୁର୍ବର ମୃତ୍ତିକାରେ ଏହା ସଫଳ ଭାବରେ ଚାଷ କରାଯାଇ ପାରୁଥିବାରୁ ଏବଂ ଏହାର ଆକାଶଛୁଆଁ ବଜାର ଦର ଯୋଗୁ ଆମ ରାଜ୍ୟରେ ବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ୟବସାୟିକ ଭିତ୍ତିରେ କାଜୁଚାଷ ଆରମ୍ଭ ହୋଇଛି । ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାମାନଙ୍କରେ କାଜୁବାଦାମ ଚାଷ କରାଯାଉଛି । ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ପର୍ଯ୍ୟନ୍ତ ଏହା ବହୁଳ ଭାବରେ ଚାଷ କରାଯାଇଥାଏ । ମାତ୍ର ତାପମାତ୍ରାରେ ତାରତମ୍ୟ ଯୋଗୁଁ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଓ କନ୍ଧମାଳ ଜିଲ୍ଲାର କେତେକ ଅଞ୍ଚଳ କାଜୁବାଦାମ ଚାଷ ପାଇଁ ଅନୁପଯୁକ୍ତ ।

ବିଭିନ୍ନ ଜମି ଓ ମାଟିର କିସମକୁ ଦୃଷ୍ଟିରେ ରଖି ଅଧିକ ଅମଳ ପାଇବା ପାଇଁ କାଜୁଗଛଗୁଡ଼ିକ ସାଧାରଣତଃ ୭.୫ମି x ୭.୫ମି.ବା ୮ମି. x ୮ମି. ଦୂରତାରେ ଲଗାଯାଇଥାଏ । ପୂର୍ବରୁ ଲଗାଯାଇଥିବା କାଜୁବାଦାମ ବଗିଚା ଗୁଡ଼ିକର ନିର୍ଦ୍ଦିଷ୍ଟ ଦୂରତ୍ୱ ନଥିବାରୁ ଅନ୍ତଃଫସଲ ଚାଷ କରିବା ସମ୍ଭବ ହେଉ ନ ଥିଲା । ବର୍ତ୍ତମାନ ବୈଜ୍ଞାନିକ ପଦ୍ଧତିରେ ତଥା ଉନ୍ନତମାନର ଚାଷ ପ୍ରଣାଳୀ ଅବଲମ୍ବନ କରି କଲମୀ ଚାରା ଲଗାଯାଉଥିବାରୁ ଅନ୍ତଃଫସଲ ଚାଷ କରିବା ଆବଶ୍ୟକ । କାଜୁ ବଗିଚାରେ ଉପଯୋଗ ହୋଇ ନ ଥିବା ଜାଗାର ସଦୁପଯୋଗ କରି ଅଧିକ ଲାଭ ପାଇବାର ପର୍ଯ୍ୟାପ୍ତ ସୁଯୋଗ ରହିଛି । ଗଛ ଲଗାଇବାର ପ୍ରଥମ ୩ରୁ ୪ ବର୍ଷ ପର୍ଯ୍ୟନ୍ତ ଗଛଗୁଡ଼ିକ ଛୋଟ ଛୋଟ ହୋଇଥିବାରୁ ସେମାନଙ୍କର ମଧ୍ୟବର୍ତ୍ତୀ ସ୍ଥାନରେ ଯଥେଷ୍ଟ ଖାଲି ଜାଗା ଥାଏ । ଗଛଗୁଡ଼ିକ ଫଳିବା ଅବସ୍ଥାକୁ ଆସି ନ ଥିବାରୁ ଚାଷୀମାନେ ଏହାର ସୁଯୋଗନେଇ ଖାଲି ଜାଗାରେ ଅନ୍ତଃଫସଲ ହିସାବରେ ଝୁଡ଼ଙ୍ଗ, ବାଇଗଣ, ଭେଣ୍ଡି, ଚିନାବାଦାମ, ହଳଦୀ, ବିରି, ସପୁରୀ ଓ ଅନ୍ୟାନ୍ୟ ବର୍ଷାଦିନିଆ ପନିପରିବା ଚାଷ କରିପାରିବେ । ଯେଉଁ ଜମିରେ ଜଳସେଚନର ସୁବିଧା ଥାଏ, ସେଥିରେ ଅନ୍ୟାନ୍ୟ ଋତୁରେ ବି ବିଭିନ୍ନ ପ୍ରକାର ଫସଲ ଓ ପନିପରିବା ଚାଷ କରାଯାଇପାରେ । କାଜୁବାଦାମ ଗଛ ବଢ଼ିବାରେ ମଧ୍ୟବର୍ତ୍ତୀ ସ୍ଥାନରେ ଛାଇ ପଡ଼େ । ଗଛର ଶୁଖିଲା ପତ୍ର ଝଡ଼ିବା ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ଫସଲ ବ୍ୟତୀତ ସବୁ ଫସଲ ଚାଷ କରିବା ସମ୍ଭବ ହୁଏ ନାହିଁ ।

## ଅନ୍ତଃଫସଲ ଚାଷର ଉପକାରିତା:

- ଅନ୍ତଃଫସଲ ଚାଷ ଦ୍ୱାରା ଜମି, ସୂର୍ଯ୍ୟକିରଣ ଓ ମାଟିରେ ଥିବା ଜଳ ଓ ଖାଦ୍ୟସାରର ସଦୁପଯୋଗ ହୋଇଥାଏ ।
- ଏକକ ଜମିରୁ ଅଧିକ ଅମଳ ଦ୍ୱାରା ବେଶୀ ଲାଭ ମିଳିଥାଏ ।
- ରୋଗ ଓ ପୋକ ଦ୍ୱାରା ହେଉଥିବା କ୍ଷତିର ପରିମାଣ ଫସଲ ପର୍ଯ୍ୟାୟ ଅନୁସରଣ କରିବା ଦ୍ୱାରା କମିଥାଏ ।
- ସଠିକ୍ ଉପାୟରେ ଅନ୍ତଃଫସଲ ଚାଷ କଲେ ଏହା ମାଟିର ବିନ୍ୟାସରେ ଉନ୍ନତି ଘଟାଇଥାଏ ।
- ପ୍ରାକୃତିକ ବିପର୍ଯ୍ୟୟରୁ କେତେକାଂଶରେ ରକ୍ଷା ମିଳେ । ଗୋଟିଏ ଫସଲ ନଷ୍ଟହେଲେ ତାହା ଅନ୍ୟ ଫସଲର ଅମଳଦ୍ୱାରା ଭରଣା କରାଯାଇ ପାରେ ।
- ଅନ୍ତଃଫସଲ ଚାଷ ମାଧ୍ୟମରେ କାଜୁ ବଗିଚାର ବର୍ଜ୍ୟ ଓ ଜୈବ ବସ୍ତୁକୁ ଉନ୍ନତମାନର ଖତରେ ପରିଣତ କରି ପୁନର୍ବାର ଜମିରେ ବ୍ୟବହାର କରାଯାଇ ପାରେ । ଏହା ରାସାୟନିକ ସାରର ଆବଶ୍ୟକତାକୁ ଯଥେଷ୍ଟ କମାଇ ଦେବା ସହ ଜମିର ଉର୍ବରତାକୁ ବଢ଼ାଇ ଦିଏ ।
- ଅନ୍ତଃଫସଲ ଅନୁସରଣ କରିବା ଦ୍ୱାରା କାଜୁ ଚାଷୀମାନଙ୍କର ଅନେକ ଆବଶ୍ୟକତା ପୂରଣ ହୋଇଥାଏ ।
- ଅନ୍ତଃଫସଲ ଚାଷ କରିବା ଦ୍ୱାରା କାଜୁ ଚାଷରେ ହେଉଥିବା ଖର୍ଚ୍ଚ କମିଥାଏ ଓ କାଜୁ ଗଛର ଅମଳ ବଢ଼ିଥାଏ ।



କାଜୁ ବଗିଚାରେ ଅନ୍ତଃଫସଲର ଉପକାରିତା ଉପଯୁକ୍ତ ଅନ୍ତଃବର୍ତ୍ତୀ ଫସଲର ଚୟନ ଓ ସଠିକ୍ ଚାଷ ପ୍ରଣାଳୀ ଅବଲମ୍ବନ ଉପରେ ନିର୍ଭର କରେ । ଫସଲ ପର୍ଯ୍ୟାୟ ପାଇଁ କାଜୁ ଗଛର ଅଭିବୃଦ୍ଧି ଦ୍ୱାରା ଜମିରେ ପ୍ରବେଶ କରୁଥିବା ସୂର୍ଯ୍ୟକିରଣର ପରିମାଣକୁ ଦୃଷ୍ଟିରେ ରଖି ଏହାର ଜୀବନଚକ୍ରକୁ ଦୁଇ ଭାଗରେ ବିଭକ୍ତ କରାଯାଏ ।

୧. **ଗଛ ଲଗାଇବା ଠାରୁ ୫ବର୍ଷ ପର୍ଯ୍ୟନ୍ତ:** ଏହି ସମୟ ମଧ୍ୟରେ ଉପର ଭାଗର ସୂର୍ଯ୍ୟକିରଣ ମାଟିରେ ପଡ଼େ ଓ ଏହା ଗଛର ବୟସ ବଢ଼ିବା ସଂଗେ ସଂଗେ କମିବାରେ ଲାଗେ । ଅନ୍ତଃଫସଲ ପାଇଁ ଏହା ଅଧିକ ଉପଯୁକ୍ତ ।

୨. **୫ ବର୍ଷରୁ ୧୫ ବର୍ଷ ମଧ୍ୟରେ ଥିବା ଫଳନ୍ତି କାଜୁଗଛ:** ଏହି ସମୟ ମଧ୍ୟରେ ପ୍ରାୟ ଶତକଡ଼ା ୮୦ ଭାଗ ଜମି କାଜୁଗଛର ଛାଇ ଦ୍ୱାରା ଆଚ୍ଛାଦିତ ହୋଇଥାଏ । ଫଳରେ ଖୁବ୍ କମ୍ ପରିମାଣର ସୂର୍ଯ୍ୟକିରଣ ଜମିରେ ପ୍ରବେଶ କରିଥାଏ । ଏହି ସମୟ ମଧ୍ୟରେ କାଜୁ ବଗିଚାର ଅନ୍ତଃବର୍ତ୍ତୀ ସ୍ଥାନରେ ସବୁ ଫସଲ କରିବା ସୁବିଧାଜନକ ନୁହେଁ । କେବଳ ଛାଇରେ ହେଉଥିବା ଫସଲ ଗୁଡ଼ିକ ବଗିଚାରେ ଚାଷ କରିବା ପାଇଁ ଚୟନ କରାଯାଏ ।

## ଅନ୍ତଃଫସଲ ଚୟନ:

ଅନ୍ତଃଫସଲ ଚୟନ କରିବା ପାଇଁ ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନଦେବା ଆବଶ୍ୟକ ।

- ଚାଷୀର ଆବଶ୍ୟକତା
- ବଜାରର ଚାହିଦା
- ନିର୍ଦ୍ଦିଷ୍ଟ ଫସଲ କରିବାର ଜ୍ଞାନକୌଶଳ
- କାଜୁ ବଗିଚାର ମୃତ୍ତିକା, ସ୍ଥାନୀୟ ଜଳବାୟୁ ଓ ଜଳସେଚନର ସୁବିଧାକୁ ବିଚାରକୁ ନେଇ ଅନ୍ତଃଫସଲ ଚୟନ କରିବା ଉଚିତ୍ ।
- ଏପରି ଅନ୍ତଃଫସଲ ଚୟନ କରିବା ଉଚିତ୍ ଯାହା ଛାଇରେ ହୋଇ ପାରୁଥିବ ଓ ଉପଲବ୍ଧ ହେଉଥିବା ସୂର୍ଯ୍ୟକିରଣ ଅନ୍ତଃଫସଲ ପାଇଁ ଯଥେଷ୍ଟ ହେଉଥିବ ।
- ଅନ୍ତଃଫସଲ କାଜୁଗଛ ପରି ସମ ଉଚ୍ଚତା ବିଶିଷ୍ଟ ହୋଇ ନଥିବା ଆବଶ୍ୟକ ।
- ଏକ ପ୍ରକାର ପୋକ ଓ ରୋଗ ପାଇଁ ଅନ୍ତଃଫସଲର ସହଣୀ ଶକ୍ତି କାଜୁ ଫସଲର ପୋକ ଓ ରୋଗସହଣୀ ଶକ୍ତି ଠାରୁ କମ୍ ହେବା ଉଚିତ୍ ନୁହେଁ ।
- ଅନ୍ତଃଫସଲର ଅମଳ କିମ୍ବା ଅନ୍ୟ କାର୍ଯ୍ୟକାରିତା ସମୟ ଯେପରି କାଜୁ ଗଛର କିଛି କ୍ଷତି ନହୁଏ ଏବଂ ମୃତ୍ତିକା କ୍ଷୟ କିମ୍ବା ମୃତ୍ତିକା ବିନ୍ୟାସର କ୍ଷତି ନହୁଏ, ସେଥିପ୍ରତି ଦୃଷ୍ଟି ଦେଇ ଅନ୍ତଃଫସଲକୁ ଚୟନ କରିବା ଆବଶ୍ୟକ ।